# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**20 September - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ପିଏମ୍ ବିଶ୍ୱକର୍ମା ଯୋଜନାର ଏକ ବର୍ଷ ପୂର୍ତ୍ତି ଅବସରରେ ମହାରାଷ୍ଟ୍ରର ଓ୍ୱାର୍ଦ୍ଧାଠାରେ ଆଭାସୀ ମାଧ୍ୟମରେ ଯୋଗ ଦେଲେ ପ୍ରଧାନମନ୍ତ୍ରୀ

– ହିତାଧିକାରୀଙ୍କୁ ପ୍ରଦାନ କଲେ ଦକ୍ଷତା ପ୍ରମାଣପତ୍ର

- ଏଏସ୍ଆଇ ପକ୍ଷରୁ ଆସନ୍ତାକାଲିଠାରୁ ତିନିଦିନ ପର୍ଯ୍ୟନ୍ତ ଶ୍ରୀମନ୍ଦିର ରତ୍ନଭଣ୍ଡାରର ହେବ ବୈଷୟିକ ସର୍ଭେ

– ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

- ରାଜ୍ୟ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଛି ଜିଲ୍ଲାସ୍ତରୀୟ ବିକାଶ ମେଳା

ଏବଂ

- ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଆରମ୍ଭ ହେବ ମୌସୁମୀ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା; ୨୩ରୁ ବର୍ଷା ପରିମାଣ ବୃଦ୍ଧି ସମ୍ଭାବନା

*Desk*

# ପିଏମ୍ ବିଶ୍ୱକର୍ମା ଯୋଜନା

ପିଏମ୍ ବିଶ୍ୱକର୍ମା ଯୋଜନାର ଲାଭାର୍ଥୀମାନଙ୍କ ପାଇଁ ସରକାର ନେଇଥିବା ପଦକ୍ଷେପ ସେମାନଙ୍କର କୁଶଳୀ କାରିଗରଙ୍କୁ ସଂରକ୍ଷିତ ରଖିବା ସହିତ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବିଶେଷ ସହାୟକ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପିଏମ୍ ବିଶ୍ୱକର୍ମା ଯୋଜନାର ୧ବର୍ଷ ପୂର୍ତ୍ତି ଅବସରରେ ଆଜି ମହାରାଷ୍ଟ୍ରର ଓ୍ୱାର୍ଦ୍ଧାଠାରେ ଆଭାସୀ ମାଧ୍ୟମରେ ୧ଲକ୍ଷ ହିତାଧିକାରୀଙ୍କୁ  ପ୍ରମାଣ ପତ୍ର ପ୍ରଦାନ କରିବା ସହିତ ୧ ଲକ୍ଷ ପିଏମ୍ ବିଶ୍ୱକର୍ମାଙ୍କୁ ଦକ୍ଷତା ପ୍ରମାଣପତ୍ର ଏବଂ ୭୫ ହଜାର ହିତାଧିକାରୀଙ୍କୁ ଋଣ ପାଇଁ ମଞ୍ଜୁରୀ ଦେଇଛନ୍ତି। ବିଶ୍ୱକର୍ମା ଯୋଜନାରେ ୧୮ଟି ବର୍ଗରେ ଲାଭାର୍ଥୀମାନଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ୧୫ ହଜାର ଟଙ୍କା ଲେଖାଏଁ ସରକାର ଦେଇଥାନ୍ତି। ଅଣପଞ୍ଜୀକୃତ କ୍ଷେତ୍ରରେ କୁଶଳୀ କାରିଗରମାନଙ୍କର ଦକ୍ଷତା ବୃଦ୍ଧି ସହିତ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି।

ପିଏମ୍ ବିଶ୍ୱକର୍ମା ଯୋଜନାରେ ମୂର୍ତ୍ତି କାରିଗର ବା କୁମ୍ଭକାର, କମାର, ବଢ଼େଇ, ସ୍ୱର୍ଣ୍ଣକାର ଓ ରାଜମିସ୍ତ୍ରିଙ୍କ ସମେତ ୧୮ଟି ବର୍ଗର କାରିଗର ଓ ହସ୍ତଶିଳ୍ପୀ ଉପକୃତ ହେଉଛନ୍ତି। ଏହି ଯୋଜନା ହେଉଛି ଗୁରୁଶିଷ୍ୟ ପରମ୍ପରା ଏବଂ ପାରମ୍ପରିକ କୌଳିକ ବୃତ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି...

**- V/O -**

କେନ୍ଦ୍ର ସରକାରଙ୍କ ସମ୍ପୂର୍ଣ୍ଣ ଅନୁଦାନରେ ୨୦୨୩ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୨୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିପାଇଁ ସରକାର ୧୩ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

ପିଏମ୍ ବିଶ୍ୱକର୍ମା ଯୋଜନାରେ ଶିଳ୍ପୀ ଓ କାରିଗରମାନଙ୍କୁ ୫ ପ୍ରତିଶତ ରିହାତି ସୁଧ ହାର ସହିତ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ସାର୍ଟିଫିକେଟ ଏବଂ ହିତାଧିକାରୀମାନଙ୍କୁ ପ୍ରଥମ କିସ୍ତିରେ ୧ ଲକ୍ଷ ଟଙ୍କା ଏବଂ ଦ୍ୱିତୀୟ କିସ୍ତିରେ ୨ ଲକ୍ଷ ଟଙ୍କା ଲେଖାଏଁ ବନ୍ଧକମୁକ୍ତ ଋଣ ସହାୟତା ପ୍ରଦାନ କରାଯାଉଛି।

***I&PR***

# ଜନଜାତି ପରିବାର ଉପକୃତ

ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନରେ ରାଜ୍ୟର ୨୭ଟି ଜିଲ୍ଲାର ୧୦ଲକ୍ଷ ୮୫ହଜାର ୬୬୧ ଜନଜାତି ପରିବାର ଉପକୃତ ହେବେ ବୋଲି ସରକରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏ ସମ୍ପର୍କରେ ନିଆଯାଇଥିବା କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଅଭିଯାନରେ ୨୫ଟି କାର୍ଯ୍ୟକ୍ରମ ସାମିଲ ହେବ । ଏହା ମାଧମରେ ଜନଜାତୀୟ ଗ୍ରାମ ଗୁଡ଼ିକର ଭିତ୍ତିଭୂମି ବିକାଶ, ସାମାଜିକ ଅର୍ଥନୈତିକ ସଶକ୍ତିକରଣ, ଉତ୍ତମ ଶିକ୍ଷା ତଥା ସ୍ୱାସ୍ଥ୍ୟକର ଜୀବନ ସହ ସମ୍ମାନଜନକ ବାର୍ଦ୍ଧକ୍ୟକୁ ପ୍ରୋତ୍ସାହିତ କରାଯିବ । ଅଭିଯାନରେ ଆଦିବାସୀ ବହୁଳ ଅଞ୍ଚଳରେ ହୋମ୍ ଷ୍ଟେ କାର୍ଯ୍ୟକ୍ରମ ଜଙ୍ଗଲ ଅଧିକାର ଆଇନ୍ ଅଧୀନରେ ପଟ୍ଟା ପାଇଥିବା ଲୋକଙ୍କ ପାଇଁ ସହାୟତା ଏବଂ ସିକିଲ ସେଲ୍ ରୋଗ ପରିଚାଳନା ଭଳି ପଦକ୍ଷେପ

ନିଆଯିବ । ଅଭିଯାନ ଅଧୀନରେ ସମସ୍ତ ଅଗ୍ରଗତି କାର୍ଯ୍ୟକୁ ପିଏମ୍ ଗତିଶକ୍ତି ପୋର୍ଟାଲ ମାଧ୍ୟମରେ ନିରୀକ୍ଷଣ କରାଯିବ ବୋଲି ଜଣାପଡିଛି ।

*Puri*

## ଶ୍ରୀମନ୍ଦିର- ରତ୍ନଭଣ୍ଡାର ସର୍ଭେ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏ.ଏସ୍.ଆଇ ପକ୍ଷରୁ ଆସନ୍ତାକାଲିଠାରୁ ସୋମବାର ପର୍ଯ୍ୟନ୍ତ ଶ୍ରୀମନ୍ଦିର ରତ୍ନଭଣ୍ଡାରର ବୈଷୟିକ ସର୍ଭେ କରାଯିବ। ଅପରାହ୍ନ ୨ଟାଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ଭେ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ମଙ୍ଗଳବାର ସୁଦ୍ଧା ରତ୍ନଭଣ୍ଡାରର ବୈଷୟିକ ସର୍ଭେ କାର୍ଯ୍ୟ ଶେଷ କରିବାକୁ ଏ.ଏସ୍.ଆଇ ମହାନିର୍ଦ୍ଦେଶକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି ପତ୍ର ଲେଖି ଅନୁରୋଧ କରିଥିଲେ।

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଏସ୍‌ଓପି ଅନୁସାରେ ଏହି ସର୍ଭେ କରାଯିବ। ତେଣୁ ତିନିଦିନ ପାଇଁ ଶ୍ରୀଜୀଉଙ୍କ ନୀତିକାନ୍ତି ଏବଂ ସେବା ପୂଜାରେ ବ୍ୟାଘାତ ନ କରି ନିରୀକ୍ଷଣ ପ୍ରକ୍ରିୟା କରିବା ପାଇଁ ଆବଶ୍ୟକ ସମୟ ଦେବା ଲାଗି ବିଶେଷ ନୀତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ବିଶେଷ ନୀତିନିର୍ଘଣ୍ଟ ଅନୁସାରେ, ଦିନ ଗୋଟାଏରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀମନ୍ଦିରରେ ଆସନ୍ତା ମଙ୍ଗଳବାରଠାରୁ ଦଶହରା (୧୬ ପୂଜା) ଆରମ୍ଭ ହେବ।

*Desk*

## ସିଏମ୍ କିଷାନ ଯୋଜନା

ସିଏମ୍ କିଷାନ ଯୋଜନାରେ ନୂତନ ହିତାଧିକାରୀମାନେ ନଭେମ୍ବର ମାସ ୮ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ କରିପାରିବେ । ଚାଷୀମାନେ **cmkissan.odisha.gov.in** ମାଧ୍ୟମରେ ପଞ୍ଜିକରଣ କରିପାରିବେ । ଏହି ଯୋଜନାରେ ହିତାଧିକାରୀମାନେ ୨ଟି କିସ୍ତିରେ ୨ହଜର ଟଙ୍କା ଲେଖାଏଁ ବାର୍ଷିକ ମୋଟ୍ ୪ ହଜାର ଟଙ୍କାର ସହାୟତା ପାଇବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ।

*Keonjhar*

## ମୁଖ୍ୟମନ୍ତ୍ରୀ– ୧୦୦ ଦିନ ସଫଳତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ତିନିଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କର ଗସ୍ତ ସମୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସରକାରଙ୍କର ୧୦୦ ଦିନ ପୂର୍ତ୍ତିର ସଫଳତା କଥା କହିବେ।

*Sonepur*

## ବିକାଶ ମେଳା–ସୋନପୁର

ରାଜ୍ୟ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣପୁର ରୟାଲ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଆଜି ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ଧରି ଏହି ମେଳା ଚାଲିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମେଳାକୁ ଉଦ୍‌ଘାଟନ କରି ସରକାରଙ୍କ

ଦ୍ୱାରା ବିଗତ ୧୦୦ ଦିନ ମଧ୍ୟରେ ନେଇଥିବା ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ରଘୁନାଥ ଜଗଦଲା ପ୍ରମୁଖ ଅତିଥି ଭାବେ ମେଳାରେ ଯୋଗଦେଇ ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଲୋକମାନଙ୍କର ସହଯୋଗ ଲୋଡ଼ିଥିଲେ। ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଥିବାରୁ ସ୍ୱଚ୍ଛତା ହିଁ ସେବା ଶପଥ ପାଠ କରାଯାଇଥିଲା।

*Nabarangpur*

## ବିକାଶ ମେଳା-ନବରଙ୍ଗପୁର

ନବରଙ୍ଗପୁର ଜିଲ୍ଲାରେ ସରକାରଙ୍କର ୧୦୦ ଦିନ ପୂର୍ତ୍ତିର ଜିଲ୍ଲା ସ୍ତରୀୟ ବିକାଶ ମେଳା ଆରମ୍ଭ ହୋଇଛି। ସ୍ଥାନୀୟ ମଣ୍ଡେଇ ପଡିଆଠାରେ ଅନୁଷ୍ଠିତ ବିକାଶ ମେଳାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁଭାରମ୍ଭ କରିଛନ୍ତି। ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ରଙ୍କ ଆବାହକତ୍ୱରେ ବିଧାୟକ ଗୌରୀଶଙ୍କର ମାଝୀ, ନରସିଂହ ଭତ୍ରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଆଗାମୀ ୫ ବର୍ଷ ପାଇଁ ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ବିକାଶ ମେଳାରେ ବିଭିନ୍ନ ଯୋଜନାର ହିତାଧିକାରୀ ମାନଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଥଲା। ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଥିବାରୁ ସ୍ୱଚ୍ଛତା ହିଁ ସେବା ଶପଥ ପାଠ କରାଯାଇଥିଲା।

*Kalahandi*

## ବିକାଶ ମେଳା-କଳାହାଣ୍ଡି

କଳାହାଣ୍ଡି ପ୍ରଶାସନ ପକ୍ଷରୁ ଏକ ତିନିଦିନିଆ ଜିଲ୍ଲାସ୍ତରୀୟ ବିକାଶ ମେଳା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, କଳାହାଣ୍ଡି ସାଂସଦ ମାଳବିକା ଦେବୀ ଓ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଉପସ୍ଥିତ ଥିଲେ। ଏହି ଅବସରରେ ସୁଭଦ୍ରା ଯୋଜନାର ୫ ଯୋଗ୍ୟ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ ସହ ସ୍ୱଚ୍ଛତା ନେଇ ଏକ ଶପଥ ପାଠ କାର୍ଯ୍ୟକ୍ରମ କରାଯାଇଥିଲା। ରାଜ୍ୟ ସରକାରଙ୍କ ୧୦୦ ଦିନର ସଫଳତାର ବିସ୍ତୃତ ବିବରଣୀ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ।

*Desk*

## ଯକ୍ଷ୍ମା ନିୟନ୍ତ୍ରଣ-ବିସିଜି ଟୀକା

ଭାରତୀୟ ଭେଷଜ ଗବେଷଣା ପରିଷଦ-ଆଇସିଏମ୍ଆର୍ ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ମାସରୁ ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ବିସିଜି ଟୀକା ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୪୦ଲକ୍ଷ ଲୋକଙ୍କୁ ଏହି ଟୀକା ଦିଆଯିବ । ଏହିକ୍ରମରେ ରାଜ୍ୟର ୧୫ଟି ଜିଲ୍ଲାରେ ସପ୍ତାହର ପ୍ରତି ସୋମବାର, ମଙ୍ଗଳବାର, ଗୁରୁବାର ଓ ଶୁକ୍ରବାର ଦିନ ଟୀକା ଦିଆଯିବ ।

ସୂଚନା ଅନୁସାରେ ୨୦୨୩ ମସିହାରେ ରାଜ୍ୟରେ ୧୫ଲକ୍ଷ ଯକ୍ଷ୍ମା ନମୂନା ପରୀକ୍ଷଣ ହୋଇଥିଲା । ସେଥିରୁ ୬୨ହଜାର ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲେ । ଚଳିତବର୍ଷ ଜୁଲାଇସୁଦ୍ଧା ୩୫ହଜାର ରୋଗୀ ଚିହ୍ନଟ ହୋଇଛନ୍ତି । ଦେଶରେ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ଲକ୍ଷ୍ୟ ରଖାଯାଇଛି ।

***Desk***

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶରୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଦେଶର ଉତ୍ତର ପଶ୍ଚିମ ଭାଗରୁ ପ୍ରଥମେ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ମୌସୁମୀ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ, ଆସନ୍ତା ରବିବାର ଆଡ଼କୁ ବଙ୍ଗୋପସାଗର ତଥା ମିଆଁମାର ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୩ ତାରିଖଠାରୁ ରାଜ୍ୟରେ ବର୍ଷାର ପରିମାଣ ଅଧିକ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ଚଳିତ ମୌସୁମୀ ଋତୁରେ ସ୍ୱାଭାବିକ ବର୍ଷା ତୁଳନାରେ ୮ ପ୍ରତିଶତ କମ୍ ବର୍ଷା ହୋଇଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଜୁନ୍ ମାସ ପହିଲା ତାରିଖରୁ ଆଜି ସୁଦ୍ଧା ରାଜ୍ୟରେ ୧

ହଜାର ମିଲିମିଟର ବର୍ଷା ହୋଇଛି । ରାଜ୍ୟର ୧୯ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୧୦ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି ।

***Desk***

## ହୀରାକୁଦ ଜଳଭଣ୍ଡାର

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସର୍ବାଧିକ ଜଳଧାରଣା କ୍ଷମତା ନିକଟବର୍ତ୍ତୀ ହୋଇଛି । ଜଳଭଣ୍ଡାରର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସୂଚନା ଅନୁସାରେ, ଆଜି ଦିନ ୧୨ଟା ସୁଦ୍ଧା  ଜଳଭଣ୍ଡାରର ଜଳସ୍ତର ୬୨୯ ଦଶମିକ ୮/୧ ଫୁଟରେ ପହଁଞ୍ଚିଛି । ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ । ଜଳଭଣ୍ଡାରର ସମସ୍ତ ଗେଟ୍ ବର୍ତ୍ତମାନ ପାଇଁ କର୍ତ୍ତୃପକ୍ଷ ବନ୍ଦ ରଖିଛନ୍ତି ।

*****